# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 August – 2025**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- କୃଷକ ସମୃଦ୍ଧ ହେଲେ, ରାଜ୍ୟ ବିକଶିତ ଓ ଆତ୍ମନିର୍ଭରଶୀଳ ହୋଇପାରିବ, କହିଲେ ମୁଖ୍ୟମନ୍ତ୍ରୀ

— ସିଏମ୍-କିଷାନ ହିତାଧିକାରୀଙ୍କୁ ପ୍ରଦାନ କଲେ ତୃତୀୟ କିସ୍ତି ସହାୟତାରାଶି

- ଭୁବନେଶ୍ୱରଠାରେ ଆସନ୍ତା ଶୁକ୍ରବାର ଦିନ ଆରମ୍ଭ ହେବ ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତି ଅଧ୍ୟକ୍ଷଙ୍କ ଦୁଇଦିନିଆ ସମ୍ମିଳନୀ

- ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରାଜ୍ୟରେ ପାଳନ କରାଯାଉଛି ଗଣେଶ ଚତୁର୍ଥୀ

ଏବଂ

- ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ନେଇ ସୂଚନା ଦେଲେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ

# ସି.ଏମ୍. କିଷାନ୍

ରାଜ୍ୟରେ କୃଷକଙ୍କ ଆୟବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହ ଜଡିତ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ପରିପ୍ରେକ୍ଷୀରେ ଆଜି ସିଏମ୍-କିଷାନ ହିତାଧିକାରୀଙ୍କୁ ତୃତୀୟ କିସ୍ତି ସହାୟତାରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ସହାୟତା ରାଶି ପ୍ରଦାନ କରିଛନ୍ତି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର - ଡି.ବି.ଟି. ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକ ସମୃଦ୍ଧ ହେଲେ ରାଜ୍ୟ ବିକଶିତ ଓ ଆତ୍ମନିର୍ଭରଶୀଳ ହୋଇପାରିବ। ବର୍ତ୍ତମାନସୁଦ୍ଧା କୃଷକ ସମୃଦ୍ଧି ଯୋଜନାରେ ୨୯ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବାବେଳେ ଏହାର ଅବଧିକୁ ଆହୁରି ବଢ଼ାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ ଯୋଜନାରେ ସାମିଲ ହେବାକୁ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। **ମୁଖ୍ୟମନ୍ତ୍ରୀ** କହିଛନ୍ତି,

## - V/O - (ମୁଖ୍ୟମନ୍ତ୍ରୀ)

ଚାଷୀଙ୍କ ବିକାଶ କରିବାକୁ ହେଲେ, ଜଳ ସମ୍ପଦର ବ୍ୟବସ୍ଥା, ଧାନ ସଂରକ୍ଷଣର ସୁବିଧା ଏବଂ କୃଷି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ

ନେଇ ବିଭିନ୍ନ ଦିଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ  ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ରାଜ୍ୟସରକାରଙ୍କ ଦୂରଦର୍ଶିତା ଯୋଗୁଁ ଚାଷୀଙ୍କ ମୁହଁରେ ହସ ଫୁଟୁଛି, ଆୟ ବୃଦ୍ଧି ପାଉଛି, ଗ୍ରାମୀଣ ଚାଷୀଙ୍କ ଅଭିବୃଦ୍ଧି ହୋଇପାରୁଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ବିକଶିତ କୃଷି ସଂକଳ୍ପ ଯୋଜନା, କୃଷିଜୀବୀଙ୍କୁ ଅଧିକ ସହଯୋଗ ପ୍ରଦାନ କରିପାରିଛି। କୃଷି ଗବେଷଣାର ସୁଫଳ ଚାଷ କ୍ଷେତକୁ ପହଞ୍ଚିପାରିଛି। କୃଷି ବୈଜ୍ଞାନିକମାନେ କ୍ଷେତକୁ ଯାଇ ମାଟି ପରୀକ୍ଷା, ମାଟିର ନମୁନା ସଂଗ୍ରହ ଏବଂ ଚାଷ ସମ୍ବନ୍ଧୀୟ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରିବା ଯୋଗୁଁ ଚାଷୀ ବହୁମାତ୍ରାରେ ସୁଫଳ ପାଇପାରୁଛନ୍ତି। ବର୍ତ୍ତମାନ ଚାଷୀ ମିଶ୍ରିତ ଚାଷ ପାଇଁ ସରକାରଙ୍କଠାରୁ ବିଭିନ୍ନ ଯୋଜନା ମାଧ୍ୟମରେ ସୁବିଧା ପାଇପାରୁଛନ୍ତି। ଚାଷୀଙ୍କ ଅନ୍ତ୍ୟୋଦୟ ବିକାଶ ଉପରେ ସରକାର ପ୍ରାଥମିକତାର ସହ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସୂଚନା ଦେଇଛନ୍ତି। ସିଏମ୍ କିଷାନ ଯୋଜନାର ତୃତୀୟ କିସ୍ତି ସହାୟତାରାଶି ପ୍ରଦାନ ଦ୍ୱାରା ରାଜ୍ୟର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି। ଚଳିତ ରବିଋତୁରେ ଚାଷୀଙ୍କ ପାଇଁ ଏହି ସହାୟତାରାଶି ବିଶେଷ ସହାୟକ ହେବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## ସିଏମ୍ କିଷାନ-ଜିଲ୍ଲା

**ରାୟଗଡ଼ା** ଜିଲ୍ଲାର ଚାଷୀ ଆଜି ସିଏମ୍-କିଷାନ ଯୋଜନାର ତୃତୀୟ କିସ୍ତି ଅର୍ଥ ପାଇଛନ୍ତି। ଜିଲ୍ଲାର ୮୯ ହଜାର ୭୪୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ପ୍ରଶାସନ ଏବଂ କୃଷି ବିଭାଗ ତରଫରୁ ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଆପାଲା ସ୍ୱାମୀ କାଡ୍ରାକାଙ୍କ ସହ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଉପରେ ଗଠିତ ବିଭିନ୍ନ ସମିତିର ଅଧ୍ୟକ୍ଷଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆସନ୍ତା ଶୁକ୍ରବାର ଦିନ ଭୁବନେଶ୍ୱରଠାରେ ଆରମ୍ଭ ହେବ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ। ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ। 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ଲକ୍ଷ୍ୟନେଇ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ କାର୍ଯ୍ୟକାରୀ ହୋଇଥିବା ସର୍ବୋତ୍ତମ ବ୍ୟବସ୍ଥା ନେଇ ଏହି ସମ୍ମିଳନୀରେ ମତ ବିନିମୟ ହେବ। ୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ପାଇଁ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟକାରିତାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଏହି କମିଟିଗୁଡ଼ିକର ଭୂମିକା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବ।

## ଗଣେଶ ପୂଜା

ପ୍ରବଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ସମଗ୍ର ରାଜ୍ୟରେ ଆଜି ଗଣେଶ ଚତୁର୍ଥୀ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀକ୍ଷେତ୍ର ପୁରୀରେ ବହୁ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ ଯାଇ ବଟ ଗଣେଷଙ୍କ ପୂଜାର୍ଚ୍ଚନା କରିଛନ୍ତି । ସହରର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ନିଷ୍ଠା ଏବଂ ଉତ୍ସାହର ସହ ଗଣେଶ ପୂଜା ଅନୁଷ୍ଠିତ ହେଉଛି।

**ଭଦ୍ରକ** ପୁରୁଣାବଜାରସ୍ଥିତ ବୁଢ଼ାଗଣେଶ, ଚାନ୍ଦିମେଢ଼ର ଟୋକା ଗଣେଷ, କୁଆଁଶ ଗ୍ରାମର ପିଲା ଗଣେଶ, ଆରଡି ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ବୁଢ଼ା ଗଣେଶଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ନୀତିକାନ୍ତି ସହକାରେ  ପାଳିତ ହେଉଛି।

**ନୟାଗଡ଼** ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନେ ଆଡମ୍ବରସହକାରେ ଗଣେଶଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। ବିଭିନ୍ନ ପୂଜାକମିଟି ପକ୍ଷରୁ ମଣ୍ଡପମାନଙ୍କରେ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଗଞ୍ଜାମ** ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍‌ର ପଂଚମାସ୍ଥିତ ପ୍ରସିଦ୍ଧ ସିଦ୍ଧି ବିନାୟକଙ୍କ ପୀଠରେ ମହାଆଡମ୍ବରରେ ଗଣେଶ ଚତୁର୍ଥୀ ପାଳିତ ହୋଇଛି। ପଡୋଶୀ ରାଜ୍ୟ ଆନ୍ଧ୍ର ସୀମାନ୍ତ ଶ୍ରୀକାକୁଲମ୍ ଜିଲ୍ଲାର ଶ୍ରଦ୍ଧାଳୁଙ୍କ ସହ ଛତିଶଗଡ଼ର ଶ୍ରଦ୍ଧାଳୁ ମଧ୍ୟ ଯୋଗଦେଇଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଆନନ୍ଦ ଉଲ୍ଲାସର ସହ ଗଣେଶ ପୂଜା ପାଳନ କରାଯାଉଛି। ଜିଲ୍ଲାର ଅନେକ ସ୍ଥାନରେ ସୁସଜ୍ଜିତ ପୂଜା ମଣ୍ଡପମାନଙ୍କରେ ଗଜାନନଙ୍କ ପାରମ୍ପରିକ ପୂଜା ଆରାଧନା କରାଯାଇଛି।

**ନୂଆପଡ଼ା** ଜିଲ୍‌ାର ପୂରପଲ୍ଲୀରେ ଗଣେଶ ଚତୁର୍ଥୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ ଅନୁଷ୍ଠାନ, ନ୍ୟାୟାଳୟଠାରେ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଉଛି।

## ନୂଆଖାଇ ପ୍ରସ୍ତୁତି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସନ୍ତାକାଲି ପାଳନ ହେବ । ସମ୍ବଲପୁରର ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ମନ୍ଦିରର ସଫେଇ କାର୍ଯ୍ୟ ସହ ନବାନ୍ନଲାଗି ଦିନ ମା’ ପରିଧାନ କରିବାକୁ ଥିବା ଅଳଙ୍କାରଗୁଡ଼ିକୁ ସଫା କରାଯାଉଛି । ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବ । ଏହା ପରେ

ମା'ଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବାର ପରମ୍ପରା ରହିଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି....

# - V/O -

**ସୁବର୍ଣ୍ଣପୁର** ଜିଲ୍ଲାରେ ନୂଆଖାଇ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ନୂଆଖାଇ ହାଟ ବସିଛି। ଏହି ହାଟରେ ନୂଆ କପଡ଼ା, ହାଣ୍ଡି ସରେଇ, ପନିପରିବା, ପୂଜାସାମଗ୍ରୀ ଆଦି ବିକ୍ରୀ ହେଉଛି।

## ପରଲୋକ

ଆକାଶବାଣୀ କଟକର ଅବସରପ୍ରାପ୍ତ ବରିଷ୍ଠ ସଙ୍ଗୀତ ସଂଯୋଜିକା ଏବଂ ଗାୟିକା ଭାନୁମତୀ ସାହୁଙ୍କର ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଆକାଶବାଣୀର ଅନେକ ବିଶେଷ ସଂଗୀତ କାର୍ଯ୍ୟକ୍ରମରେ ସେ କଣ୍ଠଦାନ କରିବା ସହ ସଂଗୀତ ସଂଯୋଜନା ମଧ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ବନ୍ୟା ପରିସ୍ଥିତି

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସୁବର୍ଣ୍ଣରେଖା ଓ ବୈତରଣୀ ନଦୀର ଜଳସ୍ତର ବିପଦସଂକେତ ତଳେ ପ୍ରବାହିତ ହେଉଛି। ବୈତରଣୀ ଶାଖା କାଣୀ ନଦୀରେ ଘାଇ ହେବାରୁ ଯାଜପୁର ଜିଲ୍ଲାର ଦଶରଥପୁର ଅଂଚଳ ପ୍ରଭାବିତ ହୋଇଥିବା ଶ୍ରୀ ପାଢ଼ୀ କହିଛନ୍ତି। ତଳିଆ ଅଂଚଳଗୁଡ଼ିକରେ ଜମି ରହିଥିବା ଜଳ ନିଷ୍କାସନ ଜାରି ରହିଛି। ଶ୍ରୀ ପାଢ଼ୀ କହିଛନ୍ତି, ହୀରାକୁଦର ୪ଟି

ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ଜଳ ନିଷ୍କାସିତ ହେଉଛି । ଅଗାମୀ ଦିନରେ ବର୍ଷା ପରିସ୍ଥିତି ନେଇ ବନ୍ୟା ସ୍ଥିତିର ପୁନଃ ସମୀକ୍ଷା କରାଯିବ ବୋଲି ଶ୍ରୀ ପାତ୍ରୀ କହିଛନ୍ତି ।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଆସନ୍ତା ୨ ଦିନ ମଧ୍ୟରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଓ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହିଥିବାରୁ ୫ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।